**ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ( ଜେ.ପି.ସି) ଯେଉଁ ତଥ୍ୟ ଦେଇଅଛି ତାହା ପ୍ରଧାନମନ୍ତ୍ରୀଙ୍କ ପାଇଁ ଲଜ୍ଜାଜନକ ଅଟେ ।**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା ରାଜ୍ୟସଭା ।**

**ତା.୧୦.୧୨.୨୦୧୪**

ପାର୍ଲିଆମେଣ୍ଟ ଟେଲିକମ ଓ ସ୍ପେକ୍ଟ୍ରମର ଦର ନିର୍ଦ୍ଧାରଣ ଓ ଆବଣ୍ଟନ ପାଇଁ ଏକ କମିଟି, ଜେ.ପି.ସି କୁ ନିଯୁକ୍ତି ଦେଇଅଛି । ଉକ୍ତ ରିପୋର୍ଟ ଲୋକସଭାରେ ଆପେକ୍ଷିକ ସଂଖ୍ୟା ଗରିଷ୍ଟତା ହାସଲ କରିବା ପରେ ରାଜ୍ୟସଭାକୁ ଯାଇଅଛି । ମାତ୍ର କଂଗ୍ରେସ ଦଳ ଓ ଉ.ପା ସରକାରଙ୍କ ବ୍ୟବହାରରୁ ମନେହୁଏ କି, ସେମାନେ ବର୍ତ୍ତମାନର ବିଧାନ ସଭା ନିର୍ବାଚନରୁ କିଛି ଶିକ୍ଷା ଗ୍ରହଣ କରିନାହାନ୍ତି । ସେମାନେ ସେଇ ଗୋଟିଏ ନୀତି ଆପଣେଇଛନ୍ତି କି, ଯେ କୌଣସି ଭ୍ରଷ୍ଟାଚାରକୁ ଅବାଧରେ ଉପଭୋଗ କରିବେ ଓ ପରେ ବଞ୍ଚିବା ପାଇଁ ସାମ୍ବିଧାନିକ ସଂସ୍ଥାକୁ ତଳକୁ ଖସାଇବେ ।

ଜେ.ପି.ସି କୁ ଉକ୍ତ ମୁଖ୍ୟ ବିଷୟ ନେଇ ଅନୁସନ୍ଧାନ କରିବାକୁ ହେବ ।

–୨୦୦୮ ମସିହାରେ ସ୍ପେକ୍ଟ୍ରମ ଆବଣ୍ଟନକୁ ୨୦୦୧ ମସିହାର ଦର ଅନୁଯାୟୀ କରାଯାଇଥିଲା କି ?

–କେଉଁ ପଦ୍ଧତିରେ ସ୍ପେକ୍ଟ୍ରମ ଆବଣ୍ଟିତ ହେବ ତାହାର ଗୋଲପୋଷ୍ଟକୁ ପରିବର୍ତ୍ତନ କରାଯାଇଥିଲା କି ?

–ଟେଲିକମ ମନ୍ତ୍ରୀ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ପ୍ରଧାନ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଜାଣିଥିଲେ ଓ ତାକୁ ଗୁପ୍ତ ରଖିଥିଲେ କି ?

ଉପରୋକ୍ତ ଘଟଣାରୁ ଅନେକ ସତ୍ୟର ପର୍ଦ୍ଦାଫାସ ହେବ । ମାତ୍ର ବହୁ ଘଟଣାକୁ ବଦଳାଇ ଏନ.ଡ଼ି.ଏ ସରକାର ଉପରେ ଅଯଥାରେ ଅଯୌକ୍ତିକ ଦୋଷାରୋପ କରୁଛନ୍ତି । ବୋଫର୍ସ କେଶର ଅନୁସନ୍ଧାନ ବେଳେ ଜେ.ପି.ସି ଯେପରି ଏକ ନୂତନ ତଥ୍ୟ ବାହାର କରିଥିଲା କି, ଗ୍ରହଣ କରାଯାଇଥିବା ଅର୍ଥରାଶି ଲାଞ୍ଚ ନୁହେଁ ବରଂ ତାହା ବାକିଥିବା ଅର୍ଥ । ହେଲେ ସି.ବି.ଆଇ ଚାର୍ଜସିଟ ଉକ୍ତ ତଥ୍ୟକୁ ବିରୋଧ କରିଥିଲା । ସେହିପରି ଅର୍ଥ ଦେଇ ଭୋଟ ହାସଲ କରିଥିବା ଦୁର୍ନୀତିରେ ବିରୋଧୀ ଦଳର ସାଂସଦ ମାନଙ୍କୁ ଦାୟୀ କରିଅଛି । ମାତ୍ର ଟ୍ରାଏଲ କୋର୍ଟ ସେମାନେ ନିର୍ଦ୍ଦୋଷ ଏକ ହ୍ୱିସିଲ ବ୍ଲୋଏର ବୋଲି ପ୍ରକାଶ କରିଅଛି । ତେଣୁ ପାର୍ଲିଆମେଣ୍ଟାରୀ ସଂସ୍ଥା ଗୁଡ଼ିକର ମର୍ଯ୍ୟାଦା ଅପରିବର୍ତ୍ତିତ ରଖିବାକୁ ହେଲେ ଆମକୁ ପ୍ରଥମେ ସତ୍ୟକୁ ଆଧାର କରିବାକୁ ହେବ ।

ଆଜି ବିରୋଧୀ ଦଳର ସାଂସଦଙ୍କ ଦ୍ୱାରା ପ୍ରସ୍ତୁତ ମତଭେଦର ନୋଟ ଯାହା ଟେଲିକମ ଜେ.ପି.ସି ର ଚେୟାରମ୍ୟାନଙ୍କୁ ଦିଆଯାଇଥିଲା ତାହା ସଂଶୋଧିତ ହୋଇଅଛି । ଆଜି ମୁଁ ରାଜ୍ୟସଭାରେ ଉକ୍ତ ପ୍ରସଙ୍ଗକୁ ଉଠାଇଥିଲି କି ଚେୟାରମ୍ୟାନ କଅଣ କେବଳ ମତଭେଦ ନୋଟରେ ଥିବା ଅଦରକାରୀ ବା ଅଣସଂସଦୀୟ ସଂଶୋଧନ କରିପାରିବେ ନା ତାହାକୁ ପରିବର୍ତ୍ତନ ମଧ୍ୟ କରିପାରିବେ ? ହେଲେ ସେ ଏପରି କରିବା ଦ୍ୱାରା ସେ ଆଇନର ଉପେକ୍ଷା କରିଛନ୍ତି କହିଲେ ଭୂଲ ହେବନାହିଁ । ମୁଁ ନିଷ୍ପତ୍ତି ନେବାକୁ ମଧ୍ୟ ନିମନ୍ତ୍ରଣ କରିଥିଲି । ହେଲେ ଦୁଃଖର ବିଷୟ ଏହିକି କୌଣସି ନିଷ୍ପତ୍ତି ମିଳି ପାରିନଥିଲା ।

ତେଣୁ ମୋ ପାଖରେ କେବଳ ଏତିକ ସମବେଦନା ରହିଛି କି ଆଜି ସରକାରଙ୍କ ପର୍ଦ୍ଦାଫାସ ହୋଇ ଯାଇଛି । ସେ ମୁକୁଟ ବିହୀନ ସମ୍ରାଟ ହୋଇଯାଇଛନ୍ତି । ଏପରିକି ଜେ.ପି.ସି ମାଧ୍ୟମରେ ଘଣ୍ଟ ଘୋଡ଼ାଇ ମଧ୍ୟ ତାଙ୍କ ଲଜ୍ଜା ନିବାରଣ ହୋଇପାରୁନାହିଁ ।